

# ନିରୁଦ୍ଦିଷ୍ଟ 'ମହ୍ଲାର', ଗୋଠମୁଣ୍ଡିଆ ପାହାଡ଼ ଓ ରାନୁ ଦେହୁରୀ

ଜିଲ୍ଲା:ଢେଙ୍କାନାଳ, ସବ୍‌ଡିଭିଜନ ଓ ବ୍ଲକ୍: ହିନ୍ଦୋଳ, ପଞ୍ଚାୟତ: ଦଣ୍ଡୁରୀ, ଗାଁ: ରଙ୍ଗାଙ୍ଗ । ତାରିଖ: ୧୧ ନଭେମ୍ବର ୨୦୦୮ । ଜିଲ୍ଲା ସଦର ମହକୁମାଠୁ ପ୍ରାୟ ୬୦ କିମି ଦୂର ଢେଙ୍କାନାଳ-ହିନ୍ଦୋଳ ରାସ୍ତାରେ ରାସୋଳଠାରୁ ୧୨ କିମି ଦୂର ଯିବା ପରେ ଆମେ ପହଞ୍ଚିଥିଲୁ ଏଇ ଗାଁରେ । ଆମେ ଥିଲୁ ଚାରିଜଣ । ପ୍ରାବନ୍ଧିକ ବ୍ୟତୀତ ଦୁଇଜଣ ଥିଲେ ପରିବେଶବିତ୍ ଓ ଜଣେ ସାମ୍ବାଦିକ । ଗୋଠମୁଣ୍ଡିଆ ପାହାଡ଼ ତଳେ ସଂରକ୍ଷିତ ଜଙ୍ଗଲ ଭିତରେ ଅଛି ଆଉ କିଛି ଗାଁ /ପଡ଼ା । (ବାଗୁଲି, କନକା, ଛଡ଼ୋଇ, ମୁରୁଡ଼ା) ଅନ୍ୟ ଗାଁ କଥା ଠିକ୍ କହି ହେବନି, କିନ୍ତୁ ଗତ ନିର୍ବାଚନରେ ରଙ୍ଗାଙ୍ଗ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ । ସେମାନଙ୍କର ମୁଖ୍ୟ ଅଭିଯୋଗ ଥିଲା ଯେ ତାଙ୍କ ଗାଁକୁ ସବୁଦିନିଆ ରାସ୍ତା ନାହିଁ । ଶୀତଦିନେ ଓ ଖରାଦିନେ ସେମାନେ କୌଣସି ପ୍ରକାର ଚଳିଯାନ୍ତି, ମାତ୍ର ବର୍ଷାଦିନେ ଅବସ୍ଥା ଶୋଚନୀୟ ହୋଇପଡ଼େ । ଜଙ୍ଗଲରେ ଥିବା ଛୋଟବଡ଼ ଜଳଧାରା ରୀତିମତ ରାସ୍ତା ଓଗାଳି ଦିଅନ୍ତି । ପାଣି ସୁଅରେ ଆରପାଖକୁ ଯିବା ତେଣିକି କଷ୍ଟକର ହୋଇପଡ଼େ । ରାସୋଳ ଯିବା ରାସ୍ତାରେ ଏମିତି ଏକ ପ୍ରମୁଖ ଅରଣ୍ୟ ସ୍ରୋତ ଉପରେ

ଛୋଟିଆ ପୋଲଟିଏ ନିର୍ମାଣ କରିବା କାମ ସରକାର ଦୟାକରି ହାତକୁ ନେଇଛନ୍ତି। ଆସନ୍ତା ପାଞ୍ଚବର୍ଷ ଭିତରେ ସେ କାମ କାହିଁ ସରିବା ପରି ଲାଗୁନି । ଶୀତଦିନେ ଏବେ ବି ସେଠି ଅଳ୍ପ ପାଣି ଅଛି । ଚାରି ପାଞ୍ଚଟା କଂକ୍ରିଟ୍ ଖୁଣ୍ଟ ସ୍ଥାନୀୟ ପ୍ରଶାସନ ସୌଜନ୍ୟରୁ ଚାରିବର୍ଷ ତଳେ ଯାହା ତିଆରି ହୋଇଥିଲା । ଏପର୍ଯ୍ୟନ୍ତ ସ୍ଲାବ୍ ପଡ଼ିନି ।

ରଙ୍ଗାଗର ସବୁ ବାସିନ୍ଦା ଆଦିବାସୀ । ଛୋଟିଆ ଗାଁଟିଏ । ଲୋକସଂଖ୍ୟା ୨୦୦ ହେବ । ମୋଟାମୋଟି ୨୫ ଘର କନ୍ଧ, ୫ ଘର ମୁଣ୍ଡା ଓ ୫ ଘର ମହ୍ଲାର । ପାଠକମାନଙ୍କ ନିମନ୍ତେ ସ୍ପଷ୍ଟ କରୁଛି ଯେ ଓଡ଼ିଶାର ୬୨ଟି ଅନୁସୂଚିତ ଜନଜାତିଙ୍କ ମଧ୍ୟରୁ 'ମହ୍ଲାର' (କୋଲି/ମହ୍ଲାର)ଙ୍କ ସଂଖ୍ୟା ଦ୍ରୁତ କ୍ଷୟ ହେବାରେ ଲାଗିଛି । ଗୋଟାଏ ସୂତ୍ର ଅନୁଯାୟୀ ସାରା ରାଜ୍ୟରେ ଏମାନଙ୍କ ସଂଖ୍ୟା ୧,୫୦୦ରୁ ଅଧିକ ହେବ ନାହିଁ । ଗାଁରେ ବିଜୁଳି ନାହିଁ । ଏଇ ବର୍ଷେ ଦି ବର୍ଷ ହେବ ସେଠି ଯାହା ଅଙ୍ଗନବାଡ଼ି କେନ୍ଦ୍ରଟିଏ ସରକାର ଖୋଲିଛନ୍ତି । ସମୁଦାୟ ଗାଁରେ ସମ୍ଭବତଃ ତାହା ହିଁ ଏକମାତ୍ର କୋଠାଘର - ଆମ ଗ୍ରାମୀଣ ବିକାଶ ଧାରାରେ ସରକାରୀ ଉନ୍ନୟନର ସ୍ୱାକ୍ଷର ।

ଗାଁ ମୁଖିଆ ସହଦେବ ପ୍ରଧାନ । ବୟସ ପଞ୍ଚାବନ ହେବ । ତାଙ୍କୁ ପଚାରିଲି, ଆପଣଙ୍କ ଗାଁରେ ତ ସ୍କୁଲ ନାହିଁ, ପିଲା ପଢ଼ନ୍ତି କୋଉଠି ? ଜୋର୍‌ରେ ହସିଲେ ସହଦେବ। କହିଲେ, "ଆଜ୍ଞା, ପାଠ କ'ଣ ? ଆମ ଗାରେ ତ କାହିଁ ଏ ଯାଏ ଜଣେ ବି ମେଟ୍ରିକ୍ ଯାକେ ଯାଇ ନାହାନ୍ତି - ଖୁବ୍ ବେଶୀରେ ୫ମ, ଷଷ୍ଠ ନ ହେଲେ ସପ୍ତମ ... !" ଆମେ କଥା ହେବା ଭିତରେ ସାନ ଝିଅଟିଏ ସହଦେବଙ୍କ ପାଖରେ ପହଞ୍ଚିଯାଇଥିଲା । ରାନୁ ଦେହୁରୀ ତା ନାଁ। ବୟସ ୯/୧୦ ବର୍ଷ ହେବ । ଆଖି ଭିତରକୁ ପଶିଯାଇଛି । କାନ୍ଧରୁ ଫ୍ରକ୍ ଖସିପଡୁଛି । ରାନୁ ପାଦରେ ହଳେ ଚପଲ ଅଛି, କିନ୍ତୁ ଖୁବ୍ ସମ୍ଭବ ସେ ଚପଲ ହଳକ ତା'ର ନୁହେଁ । ପଚାରିଲି, ମା' ପଢୁଛୁ ? କିଛି ସମୟ ନିରବ ରହି ରାନୁ ଆଗେ ସହଦେବଙ୍କ ମୁହଁକୁ ଚାହିଁଲା ଏବଂ ସମ୍ଭବତଃ ଆଶ୍ୱସ୍ତ ହେବା ପରେ ମୋ ମୁହଁକୁ ନ ଚାହିଁ, ମାଟିରେ ଗାର ପକାଉ ପକାଉ କହିଲା, "ହଁ, ଦ୍ୱିତୀୟରେ ।" କୋଉ ସ୍କୁଲରେ ? ମୋର ଜଣେ ବନ୍ଧୁ ଏଥର ପଚାରିଲେ । ଦୂରକୁ ହାତ ଦେଖେଇ ରାନୁ କହିଲା, ହୋଇ, କାଠକୁଂପାରେ । ଆମେ ସହଦେବଙ୍କୁ ପଚାରି ବୁଝିଲୁ ଯେ କାଠକୁଂପା ତାଙ୍କ ଗାଁରୁ ୭/୮ କିମି ଦୂର । ରାନୁ ପରି ତାଙ୍କ ଗାଁର ଆଉ ୭/୮ ଜଣ ପିଲା ପଢ଼ିବା ପାଇଁ କାଠକୁଂପା ଯାଆନ୍ତି ଚାଲି ଚାଲି । ବର୍ଷାଦିନେ ସେମାନଙ୍କ ସ୍କୁଲ ଯିବା ଏକଦମ୍ ବନ୍ଦ ହୋଇଯାଏ । ଆଉ ହାଇସ୍କୁଲ ? ସେଇଟା ଦଣ୍ଡିରୀରେ ଅଛି... କିନ୍ତୁ ବାବୁ କିଏ ଯିବ ସେଠିକୁ... ? ସହଦେବ ଭାରି ସ୍ୱାଭାବିକ ହୋଇ କହିଲେ ।

ଆପଣଙ୍କ ଗାଁରେ ଚାଷବାସ, ଜମିବାଡ଼ି ? ଆମେ ପୁଣି ପଚାରିଲୁ । ସେତେବେଳକୁ ଗାଁର ଆଉ ୧୦/୧୨ ଜଣ ସେଠି ପହଞ୍ଚି ଯାଇଥାନ୍ତି । ଜଣେ କହିଲା, ଆଜ୍ଞା ଏମିତି ତ ଆମ ଗାଁରେ ୧୨/୧୪ ଘରର କିଛି କିଛି ଜମି ଅଛି, କିନ୍ତୁ ସେଗୁଡ଼ା ଆଜ୍ଞା କି ଜମି ? ସବୁ ଏକ ଫସଲି । ଭଲ ବର୍ଷା ହେଲେ ଥରେ ଧାନ ହୁଏ । ବାସ୍ ସେତକ ସରିଗଲେ

ଗଲା... ତେଣିକି ଗୋଠମୁଣ୍ଡିଆ ଆମ ଭରସା...। କଣ କର ଗୋଠମୁଣ୍ଡିଆରେ...? ଏ ପ୍ରଶ୍ନର ଉତ୍ତରରେ ଲୋକଟି କହିଲା, 'ବାବୁ, ଫସଲ ଭଲ ହେଲେ ଧାନ ଅତି ବେଶୀରେ ଚାରି ମାସ ଯାଏ। ତା'ପରେ ପିଲାଛୁଆଙ୍କୁ ଧରି ଆମେ ଦଉଡୁ ଜଙ୍ଗଲକୁ। ଜଙ୍ଗଲରେ ଖୋଳୁ ତୁଙ୍ଗା ଆଳୁ ଆଉ କଦ୍ରବା। ହେଉଗା ସିଝାଉ। ବର୍ଷର ବାକି ଦିନ ସେଇ ଜଙ୍ଗଲି ଆଳୁ ସିଝା ହିଁ ଆମର ଖାଦ୍ୟ। ଖୁବ୍ ବେଶୀରେ ତା ସାଙ୍ଗକୁ ତୁ'ଣ (ବାଇଗଣ ତରକାରି)। ଆଉ ଅଛି ଆଜ୍ଞା କ'ଣ କରିବାକୁ ଏଠି...?"

ଏଥର ପୁଣି କଥା ଆରମ୍ଭ କଲେ ଗାଁ ମୁଖିଆ। "ଆଜ୍ଞା, ଫି ବର୍ଷ ଆମ ଗାଁରୁ ଲୋକେ ଯାନ୍ତି କେରଳ ଦାଦନ ଖଟିବାକୁ। ମୁଁ ବି ବାବୁ ବହୁତ ଦିନ ବାହାରେ ରହି ଯାଇଥିଲି। ଗାଁକୁ ଫେରିବା ବେଳେ ଭାବୁଥିଲି, ସରକାର ଏତେ ନୂଆ ଯୋଜନା ସବୁ ହାତକୁ ନେଉଛନ୍ତି... ଆମ ଗାଁର ଚେହେରାଟି ବଦଳି ଯାଇଥିବ। ହେଲେ ସେମିତି କାହିଁ କିଛି ହେଲା ଭଳି ଲାଗୁନି ତ...!" ସାମ୍ବାଦିକ ବନ୍ଧୁ ପଚାରିଲେ, 'କାହିଁ ଆପଣଙ୍କ ଗାଁରେ କ'ଣ ସମସ୍ତଙ୍କୁ ଇନ୍ଦିରା ଆବାସ ଘର ମିଳିନି? ଆପଣ ସମସ୍ତେ ତ ନିଶ୍ଚୟ ବିପିଏଲ୍ ତାଲିକାରେ ଥିବେ.. ଏବେ ପୁଣି ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆପଣଙ୍କୁ କାମ ମିଳୁଥିବ, ଦି'-ଟଙ୍କିଆ ଚାଉଳ ବି ପାଉଥିବେ...।' ଆଗକୁ ଆସିଲା ବସନ୍ତ। ବୟସ ୨୧/୨୨ ହେବ। କହିଲା, 'ଆମ ଗାଁରେ ୧୫/୧୬ ଘର ବିପିଏଲ ତାଲିକାରେ ନାହାଁନ୍ତି। ଆଉ ଯେଉଁମାନଙ୍କୁ ଇନ୍ଦିରା ଆବାସ ଘର ମିଳିଥିଲା (ପାଖାପାଖି ୨୦ ଘରକୁ) ସେ ଭିତରୁ ୯ଟି ଘର ମାତ୍ର ତିଆରି ସରିଛି। ଆଉ ସବୁ ଅଧାକାମ୍ଚ ଉଠି ପଡ଼ିଛି। ଏନ୍ଆରଇଜିଏସ୍‌ରେ ସମସ୍ତେ ଜବ୍ କାର୍ଡ ପାଇ ନାହାନ୍ତି। ଦି ଟଙ୍କିଆ ଚାଉଳ ମିଳେ ଦଣ୍ଡିରୀରେ। ମାସରେ ଥରେ ଗାଁ ଲୋକେ ଯା'ନ୍ତି। ସେତକ ପଇସା ବି ଆମ ପାଇଁ ଯୋଗାଡ଼ କରିବା ମୁସ୍କିଲ।'

'ଆଉ ଦେହମୁଣ୍ଡ ହେଲେ?' ଆମେ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ପଚାରିଲୁ। ଏ ପ୍ରଶ୍ନର ଉତ୍ତର ଉପସ୍ଥିତ ଗାଁ ଲୋକଙ୍କ ସ୍ୱାସ୍ଥ୍ୟରେ ସ୍ପଷ୍ଟ ପଢ଼ି ହେଉଥିଲା। ଯେଉଁମାନଙ୍କ ବୟସ ୨୦ରୁ ୩୦ ବର୍ଷ, ଅର୍ଥାତ୍ ଯେଉଁମାନେ ଖାଣ୍ଟି ଜୁଆନ-ମର୍ଦ୍ଦ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅବିକଳ ଅସୁସ୍ଥ ନ ହେଲେ ହେଁ ନିଜ ବୟସ ତୁଳନାରେ ବୟସ୍କ ମନେ ହେଉଥିଲେ। ସେମାନଙ୍କ ଭିତରୁ ଜଣେ କହିଲା, 'ଡାକ୍ତରଖାନା ଆମ ଗାଁଠୁ ୧୨ କିମି ଦୂର (ଭାସୋଳ)। ବର୍ଷାଦିନେ ଗାଁରେ କାହା ଦେହ ଖରାପ ହେଲେ ସେଠି ପହଞ୍ଚିବା ଆଶା ନାହିଁ। ପ୍ରତିବର୍ଷ ଏ ଗାଁରେ କିଛି ଲୋକ ନିଶ୍ଚୟ ମରନ୍ତି ଚିକିତ୍ସା ଅଭାବରୁ। ପାଖ ଗାଁରେ ଜଣେ ଦିଦି (ମହିଳା ସ୍ୱାସ୍ଥ୍ୟକର୍ମୀ) ଅଛନ୍ତି। ସେଇ ଆମ ଡାକ୍ତର।' ଟିକେ ରହି ସେ ପୁଣି କହିଲା, ମ୍ୟାଲେରିଆରେ (ବ୍ରେନ୍) ତିରଶ୍ଚା ବର୍ଷ ମୋ ବାପା ଚାଲିଗଲା। ଗଲାବର୍ଷ ଦିଟା ଛୁଆ ବି ମରିଛନ୍ତି ମ୍ୟାଲେରିଆରେ। ଆମେ ଜାଣିଛୁ ବ୍ରେନ ମ୍ୟାଲେରିଆ ହେଲେ ଆମେ ମରିବୁ। ଔଷଧ କିଣିବା ପାଇଁ ଆମର ବଳ କାହିଁ? ପେଟ ପାଇଁ ଆମକୁ ଜଙ୍ଗଲକୁ ଯିବା ପାଇଁ ପଡ଼ିବ। ଅନ୍ୟ ଉପାୟ ନାହିଁ ଆଜ୍ଞା। ଭୋକ ଉପାସରେ ଆମ ଛୁଆ ବଢ଼ିବେ କ'ଣ? ପଢ଼ିବେ କ'ଣ?

ରଙ୍ଗାଂଗରେ ପୁଷ୍ଟିହୀନତା ଏବଂ ଅନାହାରର ପରିସଂଖ୍ୟାନ ଜମାରୁ ଲୋଡ଼ା ନ ଥିଲା ଆମର । ସଦ୍ୟ ପ୍ରକାଶିତ 'କ୍ଷୁଧା ଆଟଲାସ' କଥା ମନେପଡ଼ିଲା । ଖାଲି କନ୍ଧମାଳ ନୁହେଁ, କନ୍ଧମାଳର ସାନ ସଂସ୍କରଣମାନ ଓଡ଼ିଶାର ସବୁ ଜିଲ୍ଲାରେ ଅଛନ୍ତି ଏବଂ ଅନେକାଂଶରେ ଆମର ଜ୍ଞାତସାରରେ ଅବହେଳିତ ହୋଇ ରହିଛନ୍ତି ଅନେକ ଲୋକ ।

ସନ୍ଧ୍ୟା ପାଖେଇ ଆସୁଥିଲା । (ଜଙ୍ଗଲରେ ରାତି ଟିକିଏ ଆଗରୁ ବାରି ହୋଇପଡ଼େ) ଧୂଳି ଉଡ଼େଇ ରଙ୍ଗାଂଗକୁ ଗୋରୁ କିଛୁ ଫେରୁ ନ ଥିଲେ । ଆମେ ବୁଝିଲୁ ଯେ ସହଦେବଙ୍କ ପରି ଅପେକ୍ଷାକୃତ ସମର୍ଥ ଚାଷୀମାନଙ୍କର ବି ହଳବଳଦ ନାହିଁ । ହଁ, କିଛି ଲୋକ ଛେଳି ରଖୁଥିଲେ । ଗଲାବର୍ଷ ଅଚିହ୍ନା ରୋଗରେ ଛେଳି ସବୁ ପୋଛି ହୋଇ ଯାଇଛନ୍ତି । ପଶୁ ଚିକିତ୍ସା କେନ୍ଦ୍ର ବି ଦୂରରେ । ଗାଁର ଗୋଟାଏ ମୁଣ୍ଡରେ ଥିବା ପାଞ୍ଚ ଘର ମାଲ୍ହାର ପରିବାରଙ୍କୁ ଭେଟିବା ପାଇଁ ଆମେ ୨/୩ ଜଣ ଲୋକଙ୍କୁ ଧରି ଜଙ୍ଗଲ ରାସ୍ତାରେ ଆଗକୁ ଚାଲିଲୁ । ପାଖରେ ଖବର ଥାଏ ଯେ ସେମାନଙ୍କୁ ପଞ୍ଚାୟତ ତରଫରୁ ଟାଇଲ ଛପର ଇନ୍ଦିରା ଆବାସ ମିଳିଛି । ଇଣ୍ଡୁନ ଆଲୁଅରେ ମାଲ୍ହାରଙ୍କ କଲୋନି ମନେ ହେଉଥାଏ ଏକ ବିରଳ ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ପରି । ଗୋଟାଏ ଧାଡ଼ିରେ ପାଞ୍ଚଟି ଘର, ତେବେ ମାତ୍ର ଗୋଟିଏ ଘରେ ମିଞ୍ଜି ମିଞ୍ଜି ଆଲୁଅଟିଏ ଜଳୁଥାଏ । ପାଖକୁ ଯାଇ ଦେଖିଲୁ ୫୦/୫୫ ବର୍ଷର ଜଣେ ପୁରୁଷ ଏବଂ ଘର କଣରେ ୮/୧୦ ବର୍ଷର ଛୋଟ ପିଲାଟିଏ । ଅନ୍ୟମାନେ କୁଆଡ଼େ ଗଲେ ବୋଲି ଗାଁ ବାଲାଙ୍କ ଭିତରୁ ଜଣେ ପଚାରିଲା ସେମାନଙ୍କୁ । ଏକାବେଳକେ ଏତେ ଲୋକଙ୍କୁ ଦେଖି ବୟସ୍କ ଲୋକଟା ଠିଆ ହୋଇପଡ଼ିଲା । ସେ ଘାବରେଇ ଯାଇଥିଲା । ତାର ଉତ୍ତରରୁ ଆମେ ଜାଣିଲୁ ଯେ ଆଉ ୪ଟି ପରିବାର ୨/୩ ଦିନ ତଳେ ଗାଁ ଛାଡ଼ି ଦେଇଛନ୍ତି । ସମ୍ଭବତଃ ଶୀତ ପରେ ସେମାନେ ଫେରିବେ । ଆମେ କିଛି ସମୟ ସେଇଠି ରହିଲୁ । ପ୍ରାୟ ସବୁ ଇନ୍ଦିରା ଆବାସ ଘର ଉପରୁ କେତେଖଣ୍ଡ ଟାଇଲ ଗାଏବ ହୋଇ ଯାଇଥିଲା । କୌଣସି ଘରେ ଚାବି ପଡ଼ି ନ ଥିଲା । ଜଙ୍ଗଲ ଛାଡ଼ିବା ଆଗରୁ ଆମେ ବୁଝିଥିଲୁ ଯେ ମାଲ୍ହାରମାନଙ୍କ ଜୀବନଶୈଳୀ ଅଦ୍ଭୁତ । ବିକଳ୍ପ ଅନୁସଂସ୍ଥାନ ଅନୁପସ୍ଥିତିରେ ରଙ୍ଗାଂଗର ଅନ୍ୟାନ୍ୟ ଆଦିବାସୀଙ୍କ ଅପେକ୍ଷା ଏମାନେ ଅଧିକ ନିର୍ଭରଶୀଳ ଜଙ୍ଗଲ ଉପରେ । ଉଭୟ ପୁରୁଷ ଓ ସ୍ତ୍ରୀ ଜଙ୍ଗଲରୁ ସଂଗ୍ରହ କରନ୍ତି ଡୁଙ୍ଗୀ ଆଳୁ, ପାଣି ଆଳୁ, କଡ଼ବା ଓ ମହୁ । ଗାଁକୁ ଗାଁ ବୁଲି ଏସବୁ ବିକନ୍ତି । ଜଙ୍ଗଲର ଯେକୌଣସି ଅଞ୍ଚଳରେ ଅସ୍ଥାୟୀ ଘର କରି ରହିବାରେ ଓସ୍ତାଦ୍ ଏଇ ବିରଳ ଜନଜାତିଙ୍କ ପାଇଁ ପେଟପୋଟଣା ଠାରୁ ମୋଟେ ଅଧିକ ମାନେ ରଖେନି ସରକାରୀ ଇନ୍ଦିରା ଆବାସ ଘର କାନ୍ଥରେ ସ୍ଥାୟୀ ହିତାଧିକାରୀର ଠିକଣା । ସେଇ ବୟସ୍କ ମାଲ୍ହାରଙ୍କୁ ଆମର ଶେଷ ପ୍ରଶ୍ନ ଥିଲା, 'ଅନ୍ୟମାନେ କୁଆଡ଼େ ଯାଇଛନ୍ତି ଠିକ୍ କହିପାରିବ?' ଲୋକଟିର ଉତ୍ତର ଥିଲା ସଂକ୍ଷିପ୍ତ ଅଥଚ ଆମ ପାଇଁ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ, ଯାହାର ଅର୍ଥ ହେଉଛି, 'ସେ କଥା ଆଦୌ କହିହେବ ନାହିଁ ଏବଂ କଥାଟା ମୋଟେ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ନୁହେଁ । ଜଙ୍ଗଲ ମୁଲକରେ ଗୋଟାଏ ନିର୍ଦ୍ଦିଷ୍ଟ ଠିକଣା ପୁଣି କ'ଣ? ମୁଁ ତ ନିଜେ ଜାଣିନି କାଲି ସକାଳୁ ସକାଳୁ ଏ ରୋଗା ଛୁଆଟାକୁ ଧରି କୁଆଡ଼େ ଯିବି.. ?'

(ସମ୍ବାଦ : ତା ୨୦/୧୦/୨୦୦୮)